"ଆଲିୟମ୍" ହେଉଛି ବିଶ୍ୱର ବହୁ ପୁରାତ୍ତାନ କାଳ ରୁ ଚାଷ କରାଯାଉଥିବା ଏକ ପ୍ରକାର **"ଏକବୀଜ ପତ୍ରୀ" ପୁଷ୍ପ ଜାତୀୟ ବୃକ୍ଷ୍ୟ ର ବଂଶଯ ।** ଏବଂ ଆଜିର ଯୁଗରେ ଚାଷ କରାଯାଉଥିବା ପିଆଜ, ରସୁଣ,ସ୍କାଲିଅନ୍, ସାଲାଟ୍, ଲିକ୍ଏବଂ ଚିଭ୍ ସ (scallion, shallot, leek, and chives) ପରିଫସଲ ପ୍ରଜାତି **ଏହି ବଂଶର ବଂଶଜ ବା ଏହି ପରିବାର ରେ ଅନ୍ତର୍ଭୁକ୍ତ ।** ଏହି ଆଲିୟମ୍ ମାନଙ୍କ ମଧ୍ୟରେ **ପ୍ରଥମ ଟି ହେଉଚି ପିଆଜ** ଏବଂ ପିଆଜ କୁ ବାଦ୍ ଦେଲେ **ଦ୍ୱିତୀୟ ଟି ହେଉଚି ରସୁଣ।** ରସୁଣ ଏକ ବହୁଳ ମାତ୍ରାରେ ଚାଷ କରାଯାଉଥିବା ମସଲା ଜାତୀୟ ପରିବା, ଯାହା ଆମିଷ ବ୍ୟଞ୍ଜନ କୁ ସ୍ୱାଦିଷ୍ଟ କରିବା ପାଇଁ ମାତ୍ରାଧିକ ପରିମାଣ ରେ ବ୍ୟବହାର କରାଯାଇଥାଏ।ଆମିଷ ବ୍ୟଞ୍ଜନ କୁ ସ୍ୱାଦିଷ୍ଟ କରିବା ପାଇଁ ପିଆଜ ଓ ରସୁଣ ର ବ୍ୟବହାର ବିଶେଷ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ତୁଳନାତ୍ମକ ଭାବେ କୌଣସି ବ୍ୟଞ୍ଜନ କୁ ସ୍ୱାଦିଷ୍ଟ କରିବା ରେ **ରସୁଣ, ପିଆଜ ଅପେକ୍ଷା ଅନେକ ମାତ୍ରାରେ ଅଧିକ ସକ୍ଷମ,** କାରଣ ରସୁଣ ରେ ଏକ ପ୍ରକାର ର **ରଙ୍ଗହିନ, ଗନ୍ଧହୀନ ପାଣିରେ ଦ୍ରବିଭୂତ ହେଲା ପରି ରାସାୟନିକ ପଦାର୍ଥ** ଥାଏ ଯାହାକୁ ଆମେ ସାଧାରଣତ **" ଆଲୀନ୍ "** ବୋଲି କହିଥାଉ।

ଆମେ ଯେଉଁ ସମୟରେ ରସୁଣ କୁ ଦାନ୍ତ ରେ ଚୋବାଇଥାଉ କିମ୍ବା କୌଣସି କାରଣ ରୁ ରସୁଣ କୋଲା ରେ ଥିବା **ଜୀବକୋଷ ଗୁଡିକରେ କ୍ଷତ ସୃଷ୍ଟି କରିଥାଉ,** ଠିକ୍ ସେହି ସମୟରେ "ଆଲିନେଜ୍"ନାମରେ ଅନ୍ୟ ଏକ ରସାୟନିକ ପଦାର୍ଥ ଏହି **"ଆଲୀନ୍"** ସଂସ୍ପର୍ଶରେ ଆସି "ଆଲିସିନ୍" ନାମରେ ଅନ୍ୟ ଏକ ରସାୟନିକ ପଦାର୍ଥ ପ୍ରସ୍ତୁତ କରିଥାଏ। ଏହି **"ଆଲିସିନ୍"** ଏକ ପ୍ରକାର **ଗନ୍ଧକ ଯୁକ୍ତ ରସାୟନିକ ପଦାର୍ଥ,** ଯାହାକୁ ଆମେ ରସାୟନିକ ଭାଷାରେ **"ଡାଇ ଆଲାଇଲ୍ ଥାୟୋ ସଲଫିନେଟ୍"** ବୋଲି କହିଥାଉ, ଏହି **"ଆଲିସିନ୍"** ହିଁ ରସୁଣ ର ଏକମାତ୍ର ରସାୟନିକ ପଦାର୍ଥ ଯାହା ରସୁଣ ରେ **ଗନ୍ଧ ସୃଷ୍ଟି କରେ**ଏବଂ ବିଭିନ୍ନ ପ୍ରକାର ର ବ୍ୟଞ୍ଜନ କୁ ସ୍ୱାଦିଷ୍ଟ କରିବାରେ ବିଶେଷ ରୂପେ ସହାୟକ ହୋଇଥାଏ। ଏତଦ୍ ବ୍ୟତୀତ,ଏହି **"ଆଲିସିନ୍"** ଆମ ଶରୀର ରେ ଥିବା **ରକ୍ତ କଣିକା ରେ (cholesterol) ବା ଚର୍ବି ଜାତୀୟ**ପଦାର୍ଥ କୁ କମ୍ କରିଥାଏ ଏବଂ **କର୍କଟ ବା (cancer) ଭଳି ରୋଗ** ର ପ୍ରତିରୋଧକ ଶକ୍ତି କୁ ବଢାଇ ଥାଏ।



ରସୁଣ ଆମ ଶରୀର ରେ **ରକ୍ତ ଶର୍କରା** ବା (Blood sugar) କୁ ନିୟନ୍ତ୍ରଣ କରିଥାଏ ଏବଂ ରସୁଣ **ବଦହଜମି ଓ ବାତ** ପ୍ରଭୃତି ରୋଗର ପ୍ରତିକାର ନିମନ୍ତେ ବ୍ୟବହାର କରାଯାଇଥାଏ ।

ଯଦି ଆମେ ରସୁଣ ର **ପୋଷକତତ୍ତ୍ୱ ବିଷୟରେ ଆଲୋଚନା କରିବା** ତାହା ହେଲେ ଅନ୍ୟ **"ଆଲିୟମ୍"** ତୁଳନା ରେ,ରସୁଣ ମାତ୍ରାଧିକ ପରିମାଣ ରେ ପୋଷକତତ୍ତ୍ୱ ଯୁକ୍ତ। **ପ୍ରତି ୧୦୦ ଗ୍ରାମ ରସୁଣ ରେ,**

**୨୯ ଗ୍ରାମ - ଶ୍ୱେତସାର (Carbohydrates),**

**୬.୩ ଗ୍ରାମ - ପୃଷ୍ଟିସାର (Protein)**ଏବଂ

**୩୦ ମିଲିଗ୍ରାମ - ଚୂନ (Calcium ) ଥାଏ ।**

ରସୁଣ ରେ **ଭିଟାମିନ୍'ସି' ବା ଜୀବସାର 'ଗ'** ମାତ୍ରାଧିକ ପରିମାଣ ରେ ଥାଏ।

## ରସୁଣ ର ବିଭିନ୍ନ କିସମ:

### ୧. ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଓ ବିକାଶ ପ୍ରତିଷ୍ଠାନ, ନାସିକ୍, ମହାରାଷ୍ଟ୍ର ରୁ ବିକଶିତ କିସମ:




1. ଏଗ୍ରୀଫୌଣ୍ଡ ହ୍ୱାଇଟ (ରସୁଣ ଆକାର ୩.୫ ରୁ ୪.୫ ସେମି, ୨୦ ରୁ ୨୫ କୋଲା, ଓ ହେକ୍ଟୋର ପ୍ରତି ୧୩୦ କୁଇଣ୍ଟାଲ)
2. ଏଗ୍ରୀଫୌଣ୍ଡ ପାର୍ବତୀ(ରସୁଣ ଆକାର ୫ ରୁ ୬.୫ ସେମି,୧୦ ରୁ ୧୬ କୋଲା, ଓ ହେକ୍ଟୋର ପ୍ରତି ୧୭୫ ରୁ ୨୨୫ କୁଇଣ୍ଟାଲ ରଙ୍ଗ-ବାଇଗଣି)



3. ଏଗ୍ରୀଫୌଣ୍ଡ ପାର୍ବତୀ-୨ (ରସୁଣ ଆକାର ୫ ରୁ ୬ ସେମି,୧୦ ରୁ ୧୫ କୋଲା, ଓ ହେକ୍ଟୋର ପ୍ରତି ୧୭୫ ରୁ ୨୦୦ କୁଇଣ୍ଟାଲ ରଙ୍ଗ-ଧଳା)

* ( ଏଗ୍ରୀଫୌଣ୍ଡ ପାର୍ବତୀଏଗ୍ରୀଫୌଣ୍ଡ ପାର୍ବତୀ-୨**ଉଭୟ ପାର୍ବତ୍ୟ ଆଞ୍ଚଳ ରେ ଚାଷ ଉପଯୋଗୀ ଓ ରପ୍ତାନି ଉପଯୁକ୍ତ କିସମ** )




4. ଯମୁନା ସଫେଦ -୧ (ରସୁଣ ଆକାର ୪ ରୁ ୪.୫ ସେମି, ୨୫ ରୁ ୩୦ କୋଲା, ଓ ହେକ୍ଟୋର ପ୍ରତି ୧୫୦ରୁ ୧୭୫ କୁଇଣ୍ଟାଲ)
5. ଯମୁନା ସଫେଦ -୨ (ରସୁଣ ଆକାର ୩.୫ ରୁ ୪ ସେମି,୩୫ ରୁ ୪୦ କୋଲା, ଓ ହେକ୍ଟୋର ପ୍ରତି ୧୫୦ରୁ ୨୦୦ କୁଇଣ୍ଟାଲ)
6. ଯମୁନା ସଫେଦ -୩ (ରସୁଣ ଆକାର ୪.୫ ରୁ ୬ ସେମି, ୧୫ ରୁ ୧୬ କୋଲା, ଓ ହେକ୍ଟୋର ପ୍ରତି ୧୭୫ ରୁ ୨୦୦ କୁଇଣ୍ଟାଲ)
7. ଯମୁନା ସଫେଦ -୪(ରସୁଣ ଆକାର ୩.୫ ରୁ ୪ ସେମି,୨୦ ରୁ ୨୫ କୋଲା, ଓ ହେକ୍ଟୋର ପ୍ରତି ୧୭୫ ରୁ ୨୦୦ କୁଇଣ୍ଟାଲ)



8. ଯମୁନା ସଫେଦ -୫(ରସୁଣ ଆକାର ୪.୫ ରୁ ୫ ସେମି,୨୨ ରୁ ୩୦ କୋଲା, ଓ ହେକ୍ଟୋର ପ୍ରତି ୧୫୦ ରୁ ୧୬୦ କୁଇଣ୍ଟାଲ)
9. ଯମୁନା ସଫେଦ -୬(ରସୁଣ ଆକାର ୪.୫ ରୁ ୫ ସେମି,୨୭ ରୁ ୩୦ କୋଲା, ଓ ହେକ୍ଟୋର ପ୍ରତି ୧୮୦ ରୁ ୧୫୦ କୁଇଣ୍ଟାଲ)
10. ଯମୁନା ସଫେଦ -୭(ରସୁଣ ଆକାର ୪.୪ ରୁ ୫ ସେମି,୩୦ ରୁ ୩୫ କୋଲା, ଓ ହେକ୍ଟୋର ପ୍ରତି ୨୦୦ ରୁ ୨୨୫ କୁଇଣ୍ଟାଲ)
11. ଯମୁନା ସଫେଦ -୮(ରସୁଣ ଆକାର ୪.୩ ରୁ ୫ ସେମି,୧୫ ରୁ ୧୬ କୋଲା, ଓ ହେକ୍ଟୋର ପ୍ରତି ୧୭୫ ରୁ ୨୦୦ କୁଇଣ୍ଟାଲ)
12. ଯମୁନା ସଫେଦ -୯(ରସୁଣ ଆକାର ୪.୮ ରୁ ୫.୫ ସେମି,୨୨ ରୁ ୩୦ କୋଲା, ଓ ହେକ୍ଟୋର ପ୍ରତି ୨୦୦ ରୁ ୨୨୫ କୁଇଣ୍ଟାଲ)

୨. **ଭାରତୀୟ ପିଆଜ ଓ ରସୁଣ ଗବେଷଣା ନିର୍ଦ୍ଦେଶାଳୟ, ପୁଣେ,ମହାରାଷ୍ଟ୍ରରୁ ବିକଶିତ କିସମ:**



1. ଭୀମା ପର୍ପଲ (୧୨୦ ରୁ ୧୩୫ ଦିନରେ ଅମଳକ୍ଷମ, ହେକ୍ଟୋର ପ୍ରତି ୫୫ ରୁ ୬୫ କୁଇଣ୍ଟାଲ)
2. ଭୀମା ଓମକାର (୧୨୦ ରୁ ୧୩୫ ଦିନରେ ଅମଳକ୍ଷମ, ହେକ୍ଟୋର ପ୍ରତି ୭୦ ରୁ ୧୨୫ କୁଇଣ୍ଟାଲ)



୩. **ମହାତ୍ମା ଫୁଲେ କୃଷି ବିଦ୍ୟାପୀଠ, ରାହୁରି, ମହାରାଷ୍ଟ୍ର ରୁ ବିକଶିତ କିସମ:**

1. ଗୋଦାବରୀ (ରଙ୍ଗ-ବାଇଗଣି) 2. ଶ୍ୱେତା 3 . ଫୁଲେ ବାସବନ୍ତ 4. ଫୁଲେ ନୀଳିମା

୪. **ଚୌଧୁରୀ ଚରଣ ସିଂହ କୃଷି ବିଶ୍ୱବିଦ୍ୟାଳୟ, ହିସାର, ହରିୟଣା ରୁ ବିକଶିତ କିସମ:**

1. ଏଚ ଜି -୧ 2. ଏଚ ଜି -୨

୫. **ଜୁନାଗଡ କୃଷି ବିଶ୍ୱବିଦ୍ୟାଳୟ, ଜୁନାଗଡ, ଗୁଜୁରାଟରୁ ବିକଶିତ କିସମ:**

1. ଜି ସି -୨ 2. ଜି ସି -୩ 3. ଜି ସି -୪

୬. **ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ, ଲୁଧିଆନା , ପଞ୍ଜାବ ରୁ ବିକଶିତ କିସମ:**

1. ଏଲ ସି -୧ 2. ୭-୫୬-୪

୭. **ବିବେକନ୍ଦ ପାର୍ବତୀୟ କୃଷି ଅନୁସନ୍ଧାନ ସଂସ୍ଥା ( ଭା. କୃ. ଅ. ନୁ. ପ ), ଆଲମୋରାରୁ ବିକଶିତ କିସମ:**

1. ଭି ଏଲ -୬ 2. ଭି ଏଲ -୭ 3. ଭି ଏଲ ରସୁଣ -୧

## ରସୁଣ ଚାଷ ପାଇଁ ଉପଯୁକ୍ତ ଜଳବାୟୁ :

ପ୍ରଥମତଃ ରସୁଣ ହେଉଛି ଏକ ଶୀତ ଦିନିଆଫସଲ ଯାହା ପ୍ରାରମ୍ଭିକ ଶାଖା ବୃଦ୍ଧି ଅବସ୍ଥା ରେ ତୁଷାର ପାତ କୁ ସହ୍ୟ କରିପାରେ। ରସୁଣ ପ୍ରାରମ୍ଭିକ ଅବସ୍ଥାରେ ତାର ଶାଖାବୃଦ୍ଧି ପାଇଁ ଏକ ଲମ୍ବା ଶୀତ ଋତୁ ଆବଶ୍ୟକ କରିଥିବା ବେଳେ ତାର ପରିପକ୍ୱ ସମୟରେ ଏହା ତୁଳନାତ୍ମକ ଭାବେ ଶୁଷ୍କ ଋତୁ ଆବଶ୍ୟକ କରିଥାଏ । ଉଭୟ ଦିବାଲୋକ ଏବଂ ତାପମାତ୍ରା ରସୁଣ ର ଆକାର ବୃଦ୍ଧି ଉପରେ ପ୍ରଭାବ ପକାଇ ଥାନ୍ତି। କମ୍ତାପମାତ୍ରା ରସୁଣ ର ଆକାର ବୃଦ୍ଧି ରେ ସହାୟକ ହୋଇଥାଏ। ତେବେ ରସୁଣ ର ଶାଖା ବୃଦ୍ଧି ପାଇଁ ୧୦ ରୁ ୧୫ ଡିଗ୍ରୀ ସେଣ୍ଟିଗ୍ରେଡ୍ତାପମାତ୍ରା ଆବଶ୍ୟକ ହୋଇଥିବା ସମୟରେ ରସୁଣ ର ଆକାର ବୃଦ୍ଧି ପାଇଁ ୨୫ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ଆବଶ୍ୟକ ହୋଇଥାଏ।

ଭାରତରେ ଚାଷ କରାଯାଉଥିବା ସମସ୍ତ ରସୁଣ କିସମ ଗୁଡିକସାଧାରଣତଃ ସ୍ୱଳ୍ପ ଦିବାଲୋକବିଶିଷ୍ଟ ଏବଂ ଏହି କିସମ ର ଆକାର ବୃଦ୍ଧି ପାଇଁ ହାରାହାରି ୧୨ ଘଣ୍ଟା ଦିବାଲୋକ ଆବଶ୍ୟକ ହୋଇଥାଏ।

## ରସୁଣ ଚାଷ ପାଇଁ ଉପଯୁକ୍ତ ମୃତିକା:

ରସୁଣ ଚାଷ ପାଇଁ ସାଧାରଣତଃ **ବାଲିଆ ଦୋରସା ମାଟି ଓ କାଦୁଆ ମାଟିଉପଯୁକ୍ତ।କିନ୍ତୁ ମାଟି ନିଗିଡା ଓ ଜୀବାଶ୍ମ ଯୁକ୍ତ ଉତକୃଷ୍ଟ** ହେବା ଦରକାର। ମାତ୍ରାଧିକ **ଅମ୍ଳିୟ ଓକ୍ଷାରିୟ ମାଟି ରସୁଣ ଚାଷ ପାଇଁ କ୍ଷତି କାରକ ।**

## ରସୁଣ ଚାଷ ପାଇଁ ଉପଯୁକ୍ତ ସମୟ କଣ ବା କେଉଁ ମାସରେ ରସୁଣ ଲଗାଇବା ଦରକାର?

ରସୁଣ ଚାଷ ସାଧାରଣତଃ ଅଲଗା ଅଲଗା ଜାଗାରେ ଅଲଗା ଅଲଗା ସମୟରେ କରାଯାଇଥାଏ । ଆମ ରାଜ୍ୟ ଓଡିଶା ଏବଂ ଓଡିଶା ସହିତ ପଶ୍ଚିମ ବଙ୍ଗ ଓ ଗୁଜୁରାଟ୍ ପରି ରାଜ୍ୟ ମାନଙ୍କରେ ରସୁଣ ସାଧାରଣତଃ **ଅକ୍ଟୋବର ଓ ନଭେମ୍ବର ମାସରେ** କରାଯାଇଥାଏ। କିନ୍ତୁ ପାର୍ବତ୍ୟ ଆଞ୍ଚଳ ବା ପାହାଡିଆ ଜାଗା ରେସାଧାରଣତଃ **ମାର୍ଚ ଓ ଏପ୍ରିଲ ମାସ**ରସୁଣ ଚାଷ ପାଇଁ ଉପଯୁକ୍ତ.

## ରସୁଣ ଚାଷ ପାଇଁ ଆବଶ୍ୟକ ବିହନ ପରିମାଣ

ରସୁଣକୋଳା ହିଁ ସାଧାରଣତଃ ବିହନ ଭାବେ ବ୍ୟବହାର କରାଯାଇଥାଏ । ତେବେ ୮ ରୁ ୧୦ ମିଲିମିଟର ଗୋଳେଇ ବିଶିଷ୍ଟ ରସୁଣ କୋଳା ହିଁ ଏହାର ଉପଯୁକ୍ତ ବିହନ। ତେବେ ଗୋଟେ ହେକ୍ଟର ରସୁଣ ଚାଷ ପାଇଁ ହାରାହାରି ୫୦୦ ରସୁଣ କୋଳା ଆବଶ୍ୟକ ହୋଇଥାଏ ।

## ରସୁଣ ଚାଷ ପାଇଁ ଗଛ କୁ ଗଛ ଓ ଧାଡି କୁ ଧାଡି ବ୍ୟବଧାନ:



ରସୁଣକୋଳା ବଡ ହୋଇଥିଲେ ଧାଡି କୁ ଧାଡି ୧୫ ସେଣ୍ଟିମିଟର ଓ ଗଛ କୁ ଗଛ ୧୦ ସେଣ୍ଟିମିଟର ହେବା ଦରକାର, ଆଉ ଯଦି ରସୁଣକୋଲା ଛୋଟ ହୋଇଥିବ ଧାଡି କୁ ଧାଡି ୧୫ ସେଣ୍ଟିମିଟର ଓ ଗଛ କୁ ଗଛ ୮ ସେଣ୍ଟିମିଟର ହେବ ଦରକାର।

## ରସୁଣ ଚାଷ ପାଇଁ ଜମି ପ୍ରସ୍ତୁତି:

ରସୁଣ ଚାଷ ପାଇଁ ସାଧାରଣତଃଜମିକୁ ୪ ରୁ ୫ ଥର ଗୁଣ୍ଡ ଚାଷ କରନ୍ତୁ । ମାଟିରେ ରସୁଣ ଚେର ଗୁଡିକ ସାଧାରଣତଃ ୮ ରୁ ୧୦ ସେଣ୍ଟିମିଟର ମଧ୍ୟରେ ବଢିଥାଏ, ଏଣୁ ଗଭୀର ଚାଷ ର ଆବଶ୍ୟକତା ସେତେ ନଥାଏ କିନ୍ତୁ ମାଟି ରୁ ପୂର୍ବ ଫସଲ ର ଅନାବଶ୍ୟକ ଅବସିଷ୍ଟାଂଶ ଗୁଡିକୁ ଭଲ ଭାବେ ବାଛିନେବା ଦରକାର।





## ରସୁଣ କିପରି ଲଗାଇବା ଦରକାର ?

ରସୁଣ ସାଧାରଣତଃ ୪ ଟି ପଦ୍ଧତିରେ ଲଗାଯାଇଥାଏ।

୧-ଡିବ୍ ଲିଙ୍ଗ୍ (Dibbling) : ଏହି ପଦ୍ଧତିରେ ପ୍ରଥମେ ଜମିକୁ ଛୋଟ ଛୋଟ କିଆରି ରେ ପରିଣତ କରାଯାଇଥାଏ ଏବଂ ଗୋଟି ଗୋଟି କରି ରସୁଣ କୋଲା କୁ ୫ ରୁ ୭.୫ ସେଣ୍ଟିମିଟର ଗଭୀରତାରେ,ତାର ମୁନିଆ ଅଗ୍ରଭାଗ କୁ ଉପରକୁ କରି ଲଗାଯାଇଥାଏ ।

୨-ନାଳୀ ରେ ଲଗାଇବା(Furrow Planting):ଏହି ପଦ୍ଧତିରେରସୁଣ କୋଲା ଗୁଡିକୁ ସାମାନ୍ୟ ଗଭୀର ନାଳୀ ରେ ରୋପଣ କରି ହାଲକା ମାଟି ଦ୍ୱାରା ଘୋଡେଇ ଦିଆଯାଏ ।

୩-. ଛଟା ବୁଣା ( Broadcasting):ଏହି ପଦ୍ଧତିସାଧାରଣତଃଗୁଜୁରାଟ୍ରେ ଦେଖା ଯାଇଥାଏ। ଏଥିରେ ରସୁଣ କୋଲାଗୁଡିକୁ ସାଧାରଣତଃ ସମତଳ ଯୁକ୍ତ ଜମିରେ ବୁଣିଦିଆଯାଏ । ଏବଂ ପରବର୍ତ୍ତୀ ସମୟରେ ମଇ ମଡାଯାଏ । ଯାହାଦ୍ୱାରା ରସୁଣ କୋଲା ସବୁ ମାଟି ଭିତରେ ରହି ଗଜା ହୋଇଯାଏ ଓ ପରେ ପରେ ଗଛ ହୋଇ ବଢିଥାଏ ।

୪-. ରସୁଣ ଚାରା ରୋପଣ ( Bulbil planting):ଏହି ପଦ୍ଧତି ସାଧାରଣତଃ ହିମାଞ୍ଚଳ ପ୍ରଦେଶ ର କେତେଗୁଡିଏ ଜିଲା ରେ ଦେଖା ଯାଇଥାଏ।ଏହି ପଦ୍ଧତି ରେ ରସୁଣ ର ଚାରା ପ୍ରସ୍ତୁତି କରାଯାଇଥାଏ ଏବଂ ଚାରା ଗୁଡିକ ୪୫ ଦିନର ହେଲେ ତାକୁ ମୁଖ୍ୟ ଜମି ରେ ପ୍ରତିରୋପଣ କରାଯାଏ।

## ରସୁଣ ଚାଷ ରେ ଖତ ସାର ପରିଚାଳନା:

ରସୁଣ ଲଗାଇବା ପୂର୍ବରୁ ଜମିରେ ୧୫ ରୁ ୨୦ ଟନ୍ ସମ୍ପୂର୍ଣ୍ଣ ଶୁଖିଲା ଗୋବର ଖତପ୍ରୟୋଗ କରିବା ଦରକାର। ଅନୁମୋଦିତ ସାରା ହେକ୍ଟର ପ୍ରତି ଯଥାକ୍ରମେ ୧୦୦: ୫୦:୫୦: ୩୦ କିଲୋଗ୍ରାମ ଯବକ୍ଷାରଜାନ, ଫସ୍ ଫରସ , ପୋଟାସ ଓ ଗନ୍ଧକ ପ୍ରୟୋଗ କରିବା ଆବଶ୍ୟକ। ୫୦ ପ୍ରତିଶତ ଯବକ୍ଷାରଜାନ ସହିତ ପୂର୍ଣ୍ଣ ମାତ୍ରାରେ ଫସ୍ ଫରସ, ପୋଟାସ ଓ ଗନ୍ଧକ କୁ ମୂଳ ସାର ହିସାବରେ ରସୁଣ କୋଲା ଲଗାଇବା ସମୟରେ ପ୍ରୟୋଗ କରିବା ଆବଶ୍ୟକ। ଏବଂ ଅବଶିଷ୍ଟ ୫୦ ପ୍ରତିଶତ ଯବକ୍ଷାରଜାନରସୁଣ କୋଲା ଲଗାଇବା ର ୧ ମାସ ପରେ ପ୍ରୟୋଗ କରିବା ଦରକାର।ତେବେ ମାତ୍ରାଧିକ ଯବକ୍ଷାରଜାନ ରସୁଣ ରେ ମୋଟା ବେକ ଓ ଅମଳ ପୂର୍ବରୁ ଗଜା ହେବା ପରି ସମସ୍ୟା ସୃଷ୍ଟି କରିଥାଏ । ମାଟିରେ ଗନ୍ଧକର ମାତ୍ରା କମ୍ ଥିଲେ ସେଥିରେ ୪୫ କିଲୋଗ୍ରାମ ଆଉ ଅଧିକ ଥିଲେ ୩୦ କିଲୋଗ୍ରାମ ହିସାବରେ ଗନ୍ଧକପ୍ରୟୋଗ କରିବା ଦରକାର।



## ରସୁଣ ଚାଷ ରେ ଜଳ ପରିଚାଳନା:

ରସୁଣ ର ଚେର ଗୁଡିକ ସାଧାରଣତଃ ସ୍ୱଳ୍ପ ଲମ୍ବା ବିଶିଷ୍ଟ ହୋଇଥାଏ,ଏବଂକମ୍ ପରିମାଣ ରେ ପାଣି ଆବଶ୍ୟକ କରିଥାଏ । ତେବେ ରସୁଣ ର ଶାଖା ବୃଦ୍ଧି ସମମୟରେ ୭ ରୁ ୮ ଦିନ ବ୍ୟବଧାନରେ ଏବଂ ପରିପକ୍ୱ ଅବସ୍ଥାରେ ୧୦ ରୁ ୧୫ ଦିନବ୍ୟବଧାନରେ ଜଳସେଚନ ଆବଶ୍ୟକ।ରସୁଣ ଚାଷ ପାଇଁ ସର୍ବମୋଟ ୧୦ ରୁ ୧୨ ଟି ଜଳସେଚନ ଆବଶ୍ୟକ ହୋଇଥାଏ। ମାତ୍ରାଧିକ ଅମଳ ପାଇଁ ଫସଲ ଟି ର ପରିପକ୍ୱ ଅବସ୍ଥା ପର୍ଯ୍ୟନ୍ତ ର ମାଟିର ଆଦ୍ରତା ବଜାୟ ରଖିବା ଦରକାର।ବୁନ୍ଦା ଜଳଚେନ ରସୁଣ ଚାଷ ରେ ରୋଗ ପୋକ ର ନିୟନ୍ତ୍ରଣ କରି ଫସଲ ପାଇଁ ବିଶେଷ ଲାଭ ଦାୟକ ହୋଇଥାଏ ।

## ରସୁଣ ଚାଷ ରେ ଅନାବଶ୍ୟକ ଘାସ ପରିଚାଳନା:

ଅନାବଶ୍ୟକ ଘାସ ଥିବା ଜମିରେରସୁଣ ର ଶାଖା ବୃଦ୍ଧି ସାଧାରଣତଃ ଠିକ୍ ଭାବେ ହୋଇନଥାଏ । ସୁତରାଂ ରସୁଣ ଚାଷ ପାଇଁ ପ୍ରଥମେ ଜମିକୁ ଘାସ ମୁକ୍ତ କରିବା ଦରକାର। ଲମ୍ବ ଅବଧି ର ଫସଲ ହୋଇଥିବାରୁ ରସୁଣ ଚାଷ ରେ ୨ ଥର ଘାସ ବାଛିବା ଦରକାର। ପ୍ରଥମ ଟି କୋଲା ଲଗାଇବାର ୧ ମାସ ପରେ ଓ ଦିତୀୟ ଟି କୋଲା ଲଗାଇବାର ୨ ମାସ ପରେ । ଏତଦ ବ୍ୟତୀତ ପେଣ୍ଡିମିଥାଲିନ୍ ହେକ୍ଟର ପ୍ରତି ୩.୫ ଲିଟର ହିସାବରେ କୋଲା ଲଗାଇବା ପରେ ଏବଂ ପ୍ରଥମ ଜଳସେଚନ ପୂର୍ବରୁ ପ୍ରୟୋଗ କରିବ ସହିତ ୪୫ ଦିନପରେ ଘାସ ବାଛି ନେବା ଦରକାର।

## ରସୁଣ ଅମଳ କିପରି କରିବା ?

ସାଧାରଣତଃ ରସୁଣ ଗଛ ଗୁଡିକହଳଦିଆ ରୁ ଧୂସର ରଙ୍ଗର ହୋଇ ଶୁଖି ଝଡି ଗଲେ ଆମେ ଜାଣି ପାରୁ ଯେ ଏହା ପରିପକ୍ୱ ବା ଅମଳ ଯୋଗ୍ୟ ହୋଇଗଲା ।ଏହି ପରିପକ୍ୱତା ସାଧାରଣତଃ କୋଲା ଲଗାଇବା ର ୪ ରୁ ୫ ମାସ ପରେ ଆସିଥାଏ। ତେବେ ଏହି ପରିପକ୍ୱତା ରସୁଣ ର କିସମ, ଚାଷ କରାଯାଇଥିବା ଜାଗାର ଜଳବାୟୁ ଓ ମୃତ୍ତିକାଉପରେ ନିର୍ଭର କରିଥାଏ । ପରିପକ୍ୱତା ଆସିବା ପୂର୍ବରୁ ରସୁଣ ଅମଳ କଲେ ଏହା ନିମ୍ନ ମାନର ହୋଇ କମ୍ ଦିନ ପର୍ଯ୍ୟନ୍ତ ରହିଥାଏ ।

## ରସୁଣ ଅମଳ ପରବର୍ତ୍ତୀ ଯତ୍ନ:

ରସୁଣ ସାଧାରଣତଃ ତାର ଗଛକୁ ଧରି ଉପରକୁ ଭିଡି ଅମଳ କରାଯାଇଥାଏ ଏବଂ ପରେ ପରେ ପାଖାପାଖି ୧ ସପ୍ତାହ ପର୍ଯ୍ୟନ୍ତ ଶୁଖିବାକୁ ଦିଆଯାଇଥାଏ । ଗଛ ଗୁଡିକୁ ସୁଖାଇବା ର ମୁଖ୍ୟ ଉଦେଶ୍ୟ ହେଉଛି ସେଥିରେ ଥିବା ଜଳୀୟ ଅଂଶ କୁ ଉପଯୁକ୍ତ ମାତ୍ରାରେ ବଜାୟ ରଖିବା । ଗଛ ଗୁଡିକୁ ଉପଯୁକ୍ତ ମାତ୍ରାରେ ଶୁଖିବା ଦ୍ୱାରା ସେଥିରେ ରୋଗ ପୋକ ର ସମ୍ଭାବନା କମ୍ ହୋଇଥାଏ । ରସୁଣ ସବୁ ସମୟରେ ବାୟୁ ଚଳାଚଳ କରୁଥିବା ଛାଇ ଜାଗାରେ ଖେଳେଇ କରି ସାଇତି ରଖିଲେ ଏହା ୬ ରୁ ୮ ମାସ ପର୍ଯ୍ୟନ୍ତ ସାଇତି ରଖା ଯାଇ ପାରିବ । ତେବେ ରସୁଣ କୁ ତାର ଗଛ ସହିତ ଅନେକ ଦିନ ପର୍ଯ୍ୟନ୍ତ ରଖାଯାଇ ପାରିବ । ଯଦି ରସୁଣ କୁ **ଗାମା ରାଡିଏସନ୍ ଦେଇ ରଖାଯାଏ** ତେବେ ଏହା ଶୀଘ୍ର ଗଜା ନହୋଇ ଅନେକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିପାରେ। ରସୁଣ ର ଅମଳ ସାଧାରଣତଃ **କିସମ ଓ ଜଳବାୟୁ** ଉପରେ ନିର୍ଭର କରିଥାଏ ।ତେବେ **ହେକ୍ଟର ପ୍ରତି ୧୦୦ ରୁ ୨୦୦** କୁଇଣ୍ଟାଲ ରସୁଣ ଅମଳ କରାଯାଇଥାଏ ।



